# ଜିଲ୍ଲା ଅବକାରୀ କାର୍ଯ୍ୟାଳୟ, ନବରଙ୍ଗପୁର

ଚିଠି ସଂଖ୍ୟା- ୧୭୪୯ /ଅ. ତାରିଖ. ୨୯ /୧୨/୨୦୨୦

ଫର୍ମ ନଂ. VIII

{ଦ୍ରଷ୍ଟବ୍ୟ:- ନିୟମ ୩୧ (କ), (୩୩), ୫୧(୬)}

ସର୍ବ ସାଧାରଣଙ୍କ ନିମନ୍ତେ ନୋଟିସ (ଅଭିଯୋଗ)

ଏତଦ୍ବାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସ୍ଥାନରେ ଏକ ଠିପି ବନ୍ଦ ବିଦେଶୀ ମଦ ଦୋକାନ ରାଜ୍ୟ ସରକାର ଆର୍ଥିକ ୨୦୨୦-୨୧ ବର୍ଷ (ଲାଇସେନ୍ସ ପ୍ରଦାନ ତାରିଖ ଠାରୁ ୩୧.୦୩.୨୦୨୧ ପର୍ଯ୍ୟନ୍ତ) ନିମନ୍ତେ ବନ୍ଦୋବସ୍ତ କରିବାର ପ୍ରସ୍ତାବ ରଖିଛନ୍ତି । ଏହାର ଖାସ୍ ଦଖଲ ଅଞ୍ଚଳ ନିମ୍ନରେ ପ୍ରଦତ୍ତ ହେଲା । ଏ ସମ୍ବନ୍ଧରେ ଯଦି କାହାର କିଛି ଅଭିଯୋଗ ଥାଏ, ତାହାହେଲେ ସେହି ଅଞ୍ଚଳରେ ବାସ କରୁଥିବା ବ୍ୟକ୍ତି ବିଶେଷ ତାଙ୍କର ଅଭିଯୋଗ ନିମ୍ନ ସ୍ୱାକ୍ଷରକାରୀଙ୍କ ଠିକଣାରେ ତା. ୦୪-୦୧-୨୦୨୧ ରିଖ ସୁଦ୍ଧା ଜଣାଇବେ । ଯଦି କୌଣସି ଅଭିଯୋଗ ଉପରୋକ୍ତ ଧାର୍ଯ୍ୟ ତାରିଖ ପରେ ହସ୍ତଗତ ହୁଏ ତାହାହେଲେ ଏହା ବିଚାର ନିମନ୍ତେ ଗ୍ରହଣ କରାଯିବ ନାହିଁ ।

ଜିଲ୍ଲାପାଳ, ନବରଙ୍ଗପୁର

| କ୍ରମିକ ସଂଖ୍ୟା | ସ୍ୱତନ୍ତ୍ର ଅଧିକାରର ପ୍ରକାର | ଦୋକାନର ନାମ | ସ୍ଥାନର ପରିସର (ଯେଉଁ ସ୍ଥାନରେ ଦୋକାନ ଖୋଲିବାର ପ୍ରସ୍ତାବ ଅଛି ) | ଦୋକାନର ଖାସ୍ ଦଖଲ ଅଞ୍ଚଳ |
|---|---|---|---|---|
| (୧) | (୨) | (୩) | (୪) | (୫) |
| ୧ | "ଠିପି ବନ୍ଦ" ବିଦେଶୀ ମଦ ଦୋକାନ | ଉମରକୋଟ ନଂ-୨ "ଠିପି ବନ୍ଦ" ବିଦେଶୀ ମଦ ଦୋକାନ (ବର୍ତ୍ତମାନ ଦୋକାନ ବନ୍ଦ ଅବସ୍ଥାରେ ଅଛି) | ୱାର୍ଡ ନଂ -୧୨, ଉମରକୋଟ ମୁନିସିପାଲିଟି, ପ୍ଲଟ ନଂ- ୨୭୬/୩୫/୩୪୯, ଖାତା ନଂ- ୨୮/୪୩, ମୌଜା- ଡ୍ଙ୍ଗରିଗୁଡା | ଦୋକାନ ପରିସର |

ଜ୍ଞାପକ ସଂଖ୍ୟା...୧୭୫୦.... /ଅ. ତାରିଖ. ୨୯ /୧୨/୨୦୨୦

ଏହାର ଏକକିତା ନକଲ ଭାରପ୍ରାପ୍ତ ଅଧିକାରୀ, ଅବକାରୀ ଥାନା, ଉମରକୋଟ/ ଅବକାରୀ ନିରୀକ୍ଷକ, ଉମରକୋଟଙ୍କ ବିହିତ କାର୍ଯ୍ୟାନୁଷ୍ଠାନ ଏବଂ ବହୁଳ ପ୍ରଚାର / ପ୍ରସାର ନିମନ୍ତେ ପ୍ରେରଣ କରାଗଲା । ଭାରପ୍ରାପ୍ତ ଅଧିକାରୀ, ଅବକାରୀ ଥାନା, ନବରଙ୍ଗପୁରଙ୍କୁ ପ୍ରେରଣ କରାଯାଇ ନିର୍ଦ୍ଦେଶ ଦିଆଯାଉଛି କି, ଏହାର ଏକ ନକଲ ସାର୍ବଜନୀନ ସ୍ଥାନରେ ଦୃଶ୍ୟମାନଭାବେ ଲଗାଇବେ ଯେଉଁ ଅଞ୍ଚଳରେ କି ପ୍ରସ୍ତାବିତ ଦୋକାନଟି ଖୋଲାଯିବ । ଏହା ବ୍ୟତୀତ ଏହାର ବିଷୟ ବସ୍ତୁ ଡିମ୍.ଡିମ୍. ବଜାଇ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇବେ । ନୋଟିସ୍ ର ଏକକିତା ନକଲ ସ୍ଥାନୀୟ ବାସିନ୍ଦାଙ୍କ ଦସ୍ତଖତ ଗ୍ରହଣ କରାଯାଇ, ନୋଟିସ୍ ର ବହୁଳ ପ୍ରଚାର / ପ୍ରସାର କରି ଏହା ସପକ୍ଷରେ ଏକକିତା ମୂଳ (Original) ନକଲ ଏହି କାର୍ଯ୍ୟାଳୟକୁ ପ୍ରେରଣ କରିବେ । ଏହାର ଏକ ନକଲ ଭାରପ୍ରାପ୍ତ ଅଧିକାରୀ, ଅବକାରୀ ଥାନାଙ୍କ ନିକଟରେ ରଖିବେ । ସମସ୍ତଙ୍କୁ ପ୍ରଦାନ କରାଯାଇଥିବା ନକଲର ଏକ କପି ଏହି କାର୍ଯ୍ୟାଳୟକୁ ପ୍ରେରଣ କରିବେ ।

ଉକ୍ତ ନୋଟିସର ଏକକିତା ନକଲ ଭାରପ୍ରାପ୍ତ ଅଧିକାରୀ, ଅବକାରୀ ଥାନା ଚେୟାରମେନ, ଉମରକୋଟ ମୁନିସିପାଲଟି/ ସଭାପତି ଜିଲ୍ଲାପରିଷଦ, ନବରଙ୍ଗପୁରଙ୍କୁ ପ୍ରଦାନ କରି ଦସ୍ତଖତ, ତାରିଖ, ମୋହର ସହ ଏକ ନକଲ ରଖିବେ ।

ଏହାର ଏକକିତା ନକଲ ଆରକ୍ଷୀ ଅଧିକ୍ଷକ, ନବରଙ୍ଗପୁର, ଉପ ଜିଲ୍ଲାପାଳ, ନବରଙ୍ଗପୁର ଏବଂ ବି.ଡି.ଓ, ଉମରକୋଟଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ନବରଙ୍ଗପୁରଙ୍କ ଅବଗତି ତଥା ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା-ବିଜ୍ଞାନ ଅଧିକାରୀ, ରାଷ୍ଟ୍ରୀୟ ସୂଚନା-ବିଜ୍ଞାନ କେନ୍ଦ୍ର(ଏନ.ଆଇ.ସି), ନବରଙ୍ଗପୁରଙ୍କ ଅବଗତି ତଥା ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଅବକାରୀ ଡେପ୍ୟୁଟି କମିଶନର, ଦକ୍ଷିଣାଞ୍ଚଳ, ବ୍ରହ୍ମପୁର/ ଯୁଗ୍ମ ଶାସନ ସଚିବ, ଅବକାରୀ ବିଭାଗ, ଓଡ଼ିଶା, ଭୁବନେଶ୍ୱର/ ଅବକାରୀ କମିଶନର, ଓଡ଼ିଶା, କଟକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ନୋଟିସ ବୋର୍ଡ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ନବରଙ୍ଗପୁର/ ନୋଟିସ ବୋର୍ଡ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନବରଙ୍ଗପୁର ସର୍ବସାଧାରଣଙ୍କ ସୂଚନା ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, ନବରଙ୍ଗପୁର